ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୧୫.୩ ବୃଷ୍ଟିପାତ ରେକର୍ଡ କରାଯାଇଛି ।

ସୁବର୍ଣ୍ଣରେଖା ନଦୀର ଜଳସ୍ତର ରାଜଘାଟ ଠାରେ ସନ୍ଧ୍ୟା ୬.୦୦ ସୁଦ୍ଧା ୧୧.୦୧ ମିଟରରେ ପ୍ରବାହିତ ହେଉଛି ଯାହା ବିପଦ ସଂକେତ ଠାରୁ ୦.୬୫ ମିଟର ଉପରେ ପ୍ରାବାହିତ ହେଉଅଛି । ଏହା ଫଳରେ ବାଲେଶ୍ୱର୍ ଜିଲ୍ଲାର ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକ ପ୍ରଭାବିତ ହୋଇଛି । ପ୍ରାୟ ଜିଲ୍ଲାରେ ୧ଲକ୍ଷ୧୫ ହଜାର ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବାଲେଶ୍ୱର ଜିଲ୍ଲାରେ ୫ଟି ODRAF Team, ୪ଟି NDRF ୧୨ଟି Fire Service Team ଓ ୩୫ଟି ପାୱାର ବୋଟ ଉଦ୍ଧାର ଓ ରିଲିଫ ପାଇଁ ମୁତୟନ କରାଯାଇଛି । ପ୍ରତେକ ବ୍ଲକରେ ବରିଷ୍ଠ ଅଧିକାରୀମାନେ ନିୟୋଯିତ ହୋଇଛନ୍ତି ।୩୦୭ ରିଲିଫ କ୍ୟାମ୍ପ , ୧୧ଟି ଡାକ୍ତରୀ ଦଳ , ଅତ୍ୟାଧୁନିକ ଜୀବନରକ୍ଷାକାରୀ ବ୍ୟବସ୍ଥ ।ଥିବା Ambulance ମଧ୍ୟ ନିଯୋଜିତ କରାଯାଇଅଛି ।

ରାସ୍ତାଘାଟ ଅବରୋଧ ହଟାଇବା ପାଇ ୮ଟି ଟୀମ ଗଠନ ରଖାଯାଇଅଛି । ନଦୀ ବନ୍ଧର ସୁରକ୍ଷା ଓ ତଦାରଖ ନିମନ୍ତେ ଜଳ ସମ୍ପଦ ବିଭାଗ ତରଫରୁ ରାତ୍ରି କାଳୀନ ପାଟ୍ରୋଲିଙ୍ଗ ବ୍ୟବସ୍ଥା କରାଯାଇଅଛି । ଜଳ ସମ୍ପଦ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ୪ ଟି ବ୍ଲକ ଭୋଗରାଇ , ବାଲିଆପାଳ, ବସ୍ତା ଓ ଜଳେଶ୍ୱରର ୧୪ଗୋଟି ବିପଦସଙ୍କୁଳ ନଦୀବନ୍ଧର ଆପଦକାଳୀନ ସୁରକ୍ଷା ନିମନ୍ତେ ୩୫ ହଜାର ବାଲିବସ୍ତା , ଯଥେଷ୍ଟ ବାଲି ଓ ପର୍ଯାପ୍ତ ପରିମାଣରେ ବାଉଁଶ ଓ ବଲ୍ଲା ମହଜୁତ କରି ରଖାଯାଇଅଛି ।

ଆଜି ପର୍ଯ୍ୟନ୍ତ ରାଜ୍ୟର ୨୪ଟି ଜିଲ୍ଲାର ୧୨୯ଟି ବ୍ଲକର ୩୨୩୨ ଗ୍ରାମ କ୍ଷୟକ୍ଷତି ହୋଇଛି । ଏଥିଯୋଗୁଁ ୮ ,୫୩,୯୧୫ ଲୋକ ପ୍ରଭାବିତ ହୋଇଛନ୍ତି । ୧,୪୭,୭୮୦ ଲୋକଙ୍କୁ ଉଦ୍ଧାର କରାଯାଇ ୪୦୯ ଆଶ୍ରୟସ୍ଥଳୀରେ ରଖାଯାଇଛି ।

ସ୍ୱତନ୍ତ୍ର ରିଲିଫ଼ କମିସନର୍ ଙ୍କ କାର୍ଯ୍ୟାଳୟରୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପ୍ରତି ସତକ ନଜର ରଖାଯାଇଅଛି ।